# ଠିକ୍ ଉତ୍ତରଟି ବାଛ

**୧) ନିମ୍ନରୁ କେଉଁଟି ଠିକ୍ ନୁହେଁ ?**

କ) ଗ୍ରସନୀର ଆରମ୍ଭରୁ ଖାଦ୍ୟନଳୀ ଓ ଶ୍ୱାସନଳୀ ଆରମ୍ଭ ହୋଇଥାଏ

ଖ) ନାସା-ଗ୍ରସନୀ ନାସାରନ୍ଧ୍ର ନିକଟରେ ଥିବା ଗ୍ରସନୀର ଅଂଶ

ଗ) ମୁଖ-ଗ୍ରସନୀ ମୁଖଗହ୍ୱର ନିକଟରେ ଅବସ୍ଥିତ

ଘ) ଗ୍ରସନୀ ଏକ ପେଶୀବହୁଳ ନଳୀ

**୨) ନିମ୍ନରୁ କେଉଁଟି ଠିକ୍ ?**

କ) ଶ୍ୱାସନଳୀର ଦ୍ୱାରକୁ ଗଲେଟ୍ କୁହାଯାଏ

ଖ) ଖାଦ୍ୟନଳୀର ଦ୍ୱାରକୁ ଗ୍ଲଟିସ୍ କୁହାଯାଏ

ଗ) ଖାଦ୍ୟନଳୀର ଦ୍ୱାରରେ ଏକ ନିର୍ଦ୍ଦିଷ୍ଟ ପ୍ରକାର କପାଟିକା ଥାଏ

ଘ) ଖାଦ୍ୟ ଗିଳିବା ସମୟରେ ଶ୍ୱାସନଳୀର ଦ୍ୱାର ଅଧିଜିହ୍ୱା ଦ୍ୱାରା ବନ୍ଦ ରହେ

**୩) ସ୍ୱରପେଟିକା ପରେ ଶ୍ୱାସନଳୀ କେଉଁଦୁଇ ଭାଗରେ ବିଭକ୍ତ ହୋଇ ଫୁସ୍‌ଫୁସ୍ ମଧ୍ୟକୁ ପ୍ରବେଶ କରେ ?**

କ) ବ୍ରୋନ୍‌କାଇ ଖ) ବ୍ରୋନ୍‌କିଓଲ୍‌ସ

ଗ) ଶ୍ୱାସନଳିକା ଘ) ଆଲ୍‌ଭିଓଲି

**୪) ଫୁସ୍‌ଫୁସ୍ ଚାରିପଟେ କେଉଁ କେଭିଟି ରହିଛି ?**

କ) ରେନାଲ୍ ଖ) ପ୍ଲୁରାଲ୍ ଗ) କ୍ୟାପ୍‌ସୁଲ୍ ଘ) କାର୍ଡିଆଲ୍

**୫) ଫୁସ୍‌ଫୁସ୍ କୁ ଅଙ୍ଗାରକାମ୍ଳ ଯୁକ୍ତ ରକ୍ତ କେଉଁ ପଥ ଦେଇ ଆସେ ?**

କ) ଫୁସ୍‌ଫୁସୀୟ ଧମନୀ ଖ) ଫୁସ୍‌ଫୁସୀୟ ଶିରା

ଗ) ଫୁସ୍‌ଫୁସୀୟ କୈଶିକ ଘ) ବକ୍ଷ ଧମନୀ

**୬) ଜଣେ ସୁସ୍ଥ ବ୍ୟକ୍ତିର ପ୍ରଶ୍ୱାସ ଓ ନିଃଶ୍ୱାସ ହାର ମିନିଟକୁ ପ୍ରାୟ କେତ ଥର ?**

କ) ୧୦-୧୫ ଖ) ୧୫-୨୦ ଗ) ୨୫ ଘ) ୭୨

**୭) ଜଣେ ସୁସ୍ଥ ବ୍ୟକ୍ତିର ହୃତ୍ ସ୍ପନ୍ଦନ ହାର ମିନିଟକୁ ପ୍ରାୟ କେତ ଥର ?**

କ) ୧୦-୧୫ ଖ) ୧୫-୨୦ ଗ) ୨୫ ଘ) ୭୨

**୮) ଫୁସ୍‌ଫୁସ୍‌ର ତଳପଟେ କ'ଣ ଥାଏ ?**

କ) ଷ୍ଟର୍‌ନମ୍ ଖ) ମେରୁଦଣ୍ଡ

ଗ) ପଞ୍ଜରା ହାଡ଼ ଘ) ମଧ୍ୟଚ୍ଛଦା

**୯) ପ୍ରଶ୍ୱାସ ସମ୍ବନ୍ଧୀୟ ନିମ୍ନରୁ କେଉଁଟି ଠିକ୍ ନୁହେଁ ?**

କ) ଅନ୍ତଃପଞ୍ଜରା ମାଂସପେଶୀର ସଙ୍କୋଚନ ଘଟେ ଖ) ଉଦରୀୟ ମାଂସପେଶୀର ଶିଥିଳନ ଘଟେ

ଗ) ବକ୍ଷଗହ୍ୱରର ଆୟତନ ୨୦% କମିଯାଏ ଘ) ଫୁସ୍‌ଫୁସ୍ ମଧ୍ୟସ୍ଥ ବାୟୁଚାପ କମିଯାଏ

**୧୦) କେଉଁ ପ୍ରକ୍ରିୟା ଦ୍ୱାରା କୋଟରିକା ଏବଂ ରକ୍ତଜାଲକ ମଧ୍ୟରେ ଗ୍ୟାସ ବିନିମୟ ସମ୍ଭବ ହୋଇଥାଏ ?**

କ) ସଙ୍କୋଚନ ଖ) ବିସରଣ ଗ) ଆସ୍ରବଣ ଘ) ପରିସ୍ରବଣ